# ଓଡିଶାର ପର୍ବପର୍ବାଣୀ ରଚନା

**ଉପକ୍ରମ :** ଉତ୍ସବ ହେଉଛି ଚିତ୍ତବିନୋଦନର ସର୍ବଶ୍ରେଷ୍ଠ ମାଧ୍ୟମ । ଉତ୍ସବ ବିଭିନ୍ନ ପ୍ରକାର ରହିଛି । ଯଦି ଆମେ ଓଡିଶାର ଲୋକ ସଂସ୍କୃତି ଦେଖିବା ତେବେ ତନ୍ମଧ୍ୟରେ ଓଡିଆ ସର୍ବଦା ଉତ୍ସବପ୍ରିୟ ରୂପେ ଜୀବନ ନିର୍ବାହ କରିଛନ୍ତି । ପର୍ବପର୍ବାଣି ହେଉଛି ଉତ୍ସବ ଅନ୍ତର୍ଗତ ଅନୁଷ୍ଠାନ ଯାହା ଆମ ଓଡିଆ ସଂସ୍କୃତିର ବୈଶିଷ୍ଟ୍ୟ ଅଟେ । ସେଥିପାଇଁ ତ ଆମେ ଓଡିଆ ବାର ମାସରେ ତେର ପରବ ପାଳନ କରିଥାଉ । କାରଣ ପର୍ବପର୍ବାଣୀ ଓ ଅଧ୍ୟାତ୍ମିକତା ହେଉଛି ଓଡିଆଙ୍କ ପରିଚୟ । ଯାହାର ଧାର୍ମିକ କେନ୍ଦ୍ରବିନ୍ଦୁ ଶ୍ରୀଜଗନ୍ନାଥଙ୍କୁ ନେଇ ଗଠିତ ତା ସଂସ୍କୃତିରେ ପର୍ବପର୍ବାଣୀର ମହତ୍ତ୍ୱ କ୍ଷୀଣ ହେବ ବା କିପରି । ତେବେ ଆମେ ଆମ ପୂର୍ବପୁରୁଷଙ୍କ ଠାରୁ ନିସର୍ଗର ବୈବିଧ ଭଳି ଗୋଟିଏ ପରେ ଗୋଟିଏ ଅସଂଖ୍ୟ ପର୍ବପର୍ବାଣି ର ସତ୍ତ୍ୱାଧିକାର ପାଇ ଆସିଛୁ । ଯାହାର ବିଶେଷତ୍ୱ ଦେଖି ସମଗ୍ର ବିଶ୍ୱ ଜଗନ୍ନାଥ ସଂସ୍କୃତି ପ୍ରତି ଅକୃଷ୍ଟ ହୋଇଥାନ୍ତି ତାର ଶ୍ରେୟ ଆମ ପର୍ବପର୍ବାଣୀକୁ ବୋଲି କହିଲେ ଅତ୍ୟୁକ୍ତି ହେବନାହିଁ । ପୁରପଲ୍ଲୀର ପ୍ରତି ଗୃହ ଓ ପ୍ରତି ପରିବାରରେ ଏକ ଅପୂର୍ବ ଉନ୍ମାଦନା ଜାଗିଉଠେ । ଏହା ଫଳରେ ସାମାଜିକ ଜୀବନ ହୁଏ ସୁନ୍ଦର ଓ ମଧୁର । ବ୍ୟକ୍ତି ଜୀବନ ହୁଏ ସରସ ଓ ସୌହାର୍ଦ୍ଦ୍ୟମୟ ।

**ପର୍ବପର୍ବାଣିର ପ୍ରକାର ଭେଦ :** କୃଷି କୈନ୍ଦ୍ରିକ ମାନବ ସଭ୍ୟତାରେ କୃଷି ହିଁ ହେଉଛି ଜୀବନଜୀବିକାର ପ୍ରଧାନ ଧାରକ । ଯୁଗ ଯୁଗ ଧରି କୃଷି ହିଁ ଆମ ସାମାଜିକ ବ୍ୟବସ୍ଥାକୁ ନିୟନ୍ତ୍ରଣ କରି ଆସିଛି । ଫଳରେ କୃଷିକୁ କେନ୍ଦ୍ରକରି ଗଢ଼ିଉଠିଛି ବହୁ ପର୍ବପର୍ବାଣି ଓ ସାମାଜିକ ମିଳନୋତ୍ସବ । ବୈଶାଖ ମାସର ଅକ୍ଷୟ ତୃତୀୟାଠାରୁ ଆରମ୍ଭ କରି

orissatimes.net

ପରବର୍ତ୍ତୀ ମାସଗୁଡ଼ିକରେ ରଜସଂକ୍ରାନ୍ତି , ଗର୍ଭଣା ସଂକ୍ରାନ୍ତି , ଚିତାଲାଗି ଅମାବାସ୍ୟା , ଗହ୍ମାପୂର୍ଣ୍ଣମୀ, ପୌଷ ପୂର୍ଣ୍ଣମୀ, ନବାନ୍ନ ଭକ୍ଷଣ, ମାଣବସା, ଲକ୍ଷ୍ମୀପୂଜା, ଧନୁ ସଂକ୍ରାନ୍ତି, ବକୁଳ ଅମାବାସ୍ୟା, ଅଗ୍ନିଉତ୍ସବ ଇତ୍ୟାଦି ପର୍ବଗୁଡ଼ିକ କୃଷିକୁ କେନ୍ଦ୍ରକରି ସୃଷ୍ଟି ହୋଇଛି । ଏତଦ୍‌ବ୍ୟତୀତ ଧାର୍ମିକ ଭାବନାବଶତଃ ବହୁ ପ୍ରାଚୀନ କାଳରୁ ଦେବଦେବୀଙ୍କର ପୂଜାକୁ ନେଇ ଅସଂଖ୍ୟ ପର୍ବ ପାଳିତ ହୋଇ ଆସୁଛି । ରାମନବମୀ , ରାଧାଷ୍ଟମୀ, କୃଷ୍ଣଜନ୍ମ, ଶୀତଳଷଷ୍ଠୀ, ଦୁର୍ଗାପୂଜା, ଗଣେଷ ଚତୁର୍ଥୀ ଓ ଶ୍ରୀପଞ୍ଚମୀ ଇତ୍ୟାଦି ହେଉଛି ଏହି ଶ୍ରେଣୀୟ ପର୍ବ । ଅନ୍ୟାନ୍ୟ ସଂପ୍ରଦାୟର ଇଦୁଲ ଫିତର, ମହରମ ଓ ବଡ଼ଦିନ ଭଳି ପର୍ବ ଏହି କାରଣରୁ ପାଳିତ ହୋଇଥାଏ । ରତୁଚକ୍ରର ଆବର୍ତ୍ତନ ମଧ୍ୟରେ ଶରତ , ବସନ୍ତ, ଗ୍ରୀଷ୍ମ ଇତ୍ୟାଦି ଭିନ୍ନ ଭିନ୍ନ ରତୁ ମନୁଷ୍ୟର ଦେହ ମନରେ ଯେଉଁ ଏକ ନୂତନ ପୁଲକ ସୃଷ୍ଟିକରି ଧରଣୀରେ ଆବିର୍ଭୂତ ହୁଅନ୍ତି, ତାହାକୁ ନେଇ ମଧ୍ୟ କମ୍ ପର୍ବ ସୃଷ୍ଟି ହୋଇନାହିଁ । ଶାରଦୋତ୍ସବ, ବସନ୍ତୋତ୍ସବ, ଚନ୍ଦନଯାତ, ପଣାସଂକ୍ରାନ୍ତି ଭଳି ପର୍ବର ସୃଷ୍ଟି ଏହି କାରଣରୁ ହୋଇଅଛି ।

ଆଧୁନିକ କାଳରେ ସ୍ୱାଧୀନତା ଦିବସ , ସାଧାରଣତନ୍ତ୍ର ଦିବସ , ଉତ୍କଳ ଦିବସ , ବିଭିନ୍ନ ରାଷ୍ଟ୍ରୀୟ ନେତାମାନଙ୍କର ଜନ୍ମ ଓ ମୃତ୍ୟୁ ଦିବସକୁ ଜାତୀୟ ଉତ୍ସବ ଭାବରେ ପାଳନ କରାଯାଉଛି । ଉତ୍ସବର ବିଭିନ୍ନତା ସହିତ ସେଗୁଡ଼ିକର ବିଧ ବିଧାନ ଓ ଆଡ଼ମ୍ବରରେ ମଧ୍ୟ ବିଭିନ୍ନତା ଦେଖାଦେଇଥାଏ ।

**ଉତ୍ସବର ପରମ୍ପରା ଓ ଇତିହାସ :** ଓଡିଆ ଜାତି ପର୍ବପର୍ବାଣିର ଇତିହାସ ସୁପ୍ରାଚୀନ ଅଟେ । ଖ୍ରୀଷ୍ଟୀୟ ନବମ ଶତାବ୍ଦୀ ପୂର୍ବରୁ ପୁରୀ ଧାମରେ ରଥଯାତ୍ରାର ପ୍ରଚଳନ ଥିବାର କୁହାଯାଏ । ପ୍ରତିବର୍ଷ ଆଷାଢ଼ ଶୁକ୍ଳ ଦ୍ୱିତୀୟା ଦିନ ଅନୁଷ୍ଠିତ ହେଉଥିବା ଏହି ଉତ୍ସବଟି

orissatimes.net

ଆଜି କେବଳ ଭାରତରେ ନୁହେଁ , ଭାରତ ବାହାରେ ଅନ୍ୟାନ୍ୟ କେତେ ଦେଶରେ ମଧ୍ୟ ଅନୁଷ୍ଠିତ ହେଉଛି । ପୁରାଣ ଯୁଗର ରାଜପୁତ୍ର ସତ୍ୟବାନ ଏବଂ ତାଙ୍କର ପତିବ୍ରତା ନାରୀ ସାବିତ୍ରୀଙ୍କର ଅମର କାହାଣୀକୁ ନେଇ ଗଢ଼ିଉଠିଛି ସାବିତ୍ରୀ ବ୍ରତ । ଅତୀତରେ ଜ୍ୟେଷ୍ଠ କୃଷ୍ଣ ତ୍ରୟୋଦଶୀଠାରୁ ଅମାବାସ୍ୟା ପର୍ଯ୍ୟନ୍ତ ସଧବା ରମଣୀମାନେ ଏହାକୁ ପାଳନ କରୁଥିଲେ । ଅଧୁନା ଏହି ବ୍ରତଟି କେବଳ ଅମାବାସ୍ୟା ଦିନ ପାଳନ କରାଯାଉଛି ।

ଜ୍ୟେଷ୍ଠ ମାସର ଶେଷଦିନ ଓ ଆଷାଢ଼ ମାସର ପ୍ରଥମ ଦୁଇ ଦିନ ଏଇଭଳି ତ୍ରିଦିବସବ୍ୟାପୀ ପାଳନ କରାଯାଉଥିବା ରଜପର୍ବ ଓଡ଼ିଶାର ଏକ ପ୍ରଧାନ ପର୍ବ ଭାବରେ ବିବେଚିତ । ସୋମବଂଶୀୟ ରାଜାମାନଙ୍କ ସମୟରୁ ଏହି ପର୍ବ ପାଳିତ ହୋଇ ଆସୁଥିବାର ଜଣାଯାଏ । ଏତଦ୍‌ବ୍ୟତୀତ ଜନ୍ମାଷ୍ଟମୀ , ବାଲିତୃତୀୟା,ଶିବଚତୁର୍ଦ୍ଦଶୀ, ଋଷିପଞ୍ଚମୀ, ଇନ୍ଦ୍ରପୂର୍ଣ୍ଣିମା ଇତ୍ୟାଦି ପର୍ବଗୁଡ଼ିକ ସୁପ୍ରାଚୀନ ଅଟେ । ଭାଦ୍ର ମାସ ଶୁକ୍ଳପକ୍ଷ ଚତୁର୍ଥୀ ତିଥରେ ଉତ୍କଳର ଶିକ୍ଷାନୁଷ୍ଠାନମାନଙ୍କରେ ସାର୍ବଜନୀନଭାବେ ପାଳିତ ହେଉଥିବା ଗଣେଶ ଚତୁର୍ଥୀକୁ ଏକ ବିଶିଷ୍ଟ ପର୍ବ ବୋଲି କହିଲେ ଅତ୍ୟୁକ୍ତି ହେବନାହିଁ । ପ୍ରାଚୀନ କାଳରେ ଏହି ଦିନ କେବଳ ଶିବପାର୍ବତୀଙ୍କର ପୂଜାର ବ୍ୟବସ୍ଥା ଥିଲା. । ଓଡ଼ିଶାରେ ଗଙ୍ଗବଂଶୀୟ ରାଜାଙ୍କର ଶାସନ କାଳରେ ଏଇଟି ଗଜାନନ ପୂଜାରେ ରୂପାନ୍ତରିତ ହେଲା । ସେଇଭଳି ଶିକ୍ଷାନୁଷ୍ଠାନ ସଂପର୍କିତ ପର୍ବ ଶ୍ରୀପଞ୍ଚମୀ ବା ସରସ୍ୱତୀ ପୂଜା ମଧ୍ୟ ଆଧୁନିକ କାଳରେ ଏକ ସାର୍ବଜନୀନ ପୂଜାର ରୂପ ଧାରଣ କରିଛି । ଏହି ଦିନ ବିଦ୍ୟାର୍ଥୀ ଭକ୍ତବୃନ୍ଦ ଶୁଦ୍ଧପୂତ ହୃଦୟରେ ଜ୍ଞାନବିଧାୟିନୀ ଦେବୀ ବୀଣାପାଣିଙ୍କୁ ଆରାଧନା କରି ବିଦ୍ୟା ପ୍ରାର୍ଥନା କରନ୍ତି । ଆଶ୍ୱିନ ମାସର କୌମୁଦୀ ପୂର୍ଣ୍ଣିମା ବା କୁଆଁର

orissatimes.net

ପୁନେଇଁ ସହିତ ବହୁ ଆକାଂକ୍ଷିତ ଓ ବହୁ ପ୍ରତୀକ୍ଷିତ ଦଶହରା ଉତ୍ସବରେ ମହାମାୟୀ ଦୁର୍ଗାଙ୍କର ଆରାଧନା ଏକ ଜାତୀୟ ପର୍ବ ଅଟେ । କୌମୁଦୀ ଚର୍ଚ୍ଚିତ ଶାରଦୀୟ ରଜନୀର ପୂର୍ଣ୍ଣମୀ ତିଥିରେ ଗ୍ରାମ୍ୟ କୁମାରୀମାନଙ୍କର ସମ୍ମିଳିତ କଣ୍ଠର ମଧୁର ସଙ୍ଗୀତର ମୂର୍ଚ୍ଛନା ପଲ୍ଲୀ ପରିବେଶକୁ ବେଶ୍ ମଧୁର କରେ । କାର୍ତ୍ତିକ ମାସର ଅମାବାସ୍ୟା ରାତ୍ରିରେ ଓଡିଆ ଜାତିମାନେ ଦୀପାବଳୀ ଜାଳି ପୂର୍ବପୁରୁଷମାନଙ୍କୁ ଅର୍ଘ୍ୟ ନିବେଦନ କରନ୍ତି । ଏହା ହେଉଛି ଏକ ପାରମ୍ପରିକ ପ୍ରାଚୀନ ପର୍ବ । ସେଇଭଳି କାର୍ତ୍ତିକ ପୂର୍ଣ୍ଣିମା ହେଉଛି ଉତ୍କଳର ଅନ୍ୟତମ ପବିତ୍ର ଦିବସ । ପୁରପଲ୍ଲୀରେ ଲୋକମାନେ ସମଗ୍ର ମାସଟି କାର୍ତ୍ତିକ ବ୍ରତ ପାଳନ କରନ୍ତି ଏବଂ ତା ’ର ପରିସମାପ୍ତି ଘଟେ ଏହି ପୂର୍ଣ୍ଣମୀ ତିଥିରେ । ଶୈବପୀଠମାନଙ୍କରେ ଆଡ଼ମ୍ବର ସହକାରେ ଏହି ପର୍ବଟିକୁ ପାଳନ କରାଯାଏ । ବିଧବା ନାରୀମାନେ ମାସଟିଯାକ ହବିଷାନ୍ନ ଖାଇ ନିଷ୍ଠାପର ଭାବରେ ଜୀବନ ଅତିବାହିତ କରିଥାଆନ୍ତି । ପୂର୍ଣ୍ଣମୀ ଦିନ ପ୍ରତ୍ୟୁଷରୁ ମହିଳାମାନେ ସ୍ନାନ ସାରି କଦଳୀ ପଟୁଆରେ ଡଙ୍ଗା ଭସାଇ ବୋଇତ ବନ୍ଦାଣ କରନ୍ତି । ଏହା ହେଉଛି ପ୍ରାଚୀନ ଉତ୍କଳର ନୌବାଣିଜ୍ୟର ଏକ ସ୍ମାରକୀ । ଏହି ଅବସରରେ କଟକରେ ଅନୁଷ୍ଠିତ ହେଉଥିବା ସପ୍ତାହବ୍ୟାପୀ ବାଲିଯାତ୍ରା ଉତ୍ସବ ପରିବେଶକୁ ବହୁ ଗୁଣରେ ଆମୋଦିତ କରିଥାଏ ।

ପୌଷମାସଟି ହେଉଛି କୃଷକ ପରିବାରରେ ପ୍ରାଣ ଓ ପ୍ରାଚୁର୍ଯ୍ୟର ମାସ । କୃଷକ ଗୃହିଣୀ ଶୁକ୍ଳଧାନ୍ୟରେ ମାଣ୍ୟ ସ୍ଥାପନ କରି ହୃଦୟର ଗଭୀର କୃତଜ୍ଞତାକୁ ଅଜାଡ଼ି ଦିଏ ମାଆ ଲକ୍ଷ୍ମୀଙ୍କ ଉଦ୍ଦେଶ୍ୟରେ । କବି ବନ୍ଦନା କରି ଗାଏ

orissatimes.net

“ସ୍ୱାଗତ ଲକ୍ଷ୍ମୀ ପଉଷ

ଘରେ ଘରେ ତୁମେ ଆଣିଛି ଅନ୍ନ ଆୟୁଷ ।"

ପୌଷ ପୂର୍ଣ୍ଣମୀ ଦିନ ଶ୍ରୀଜଗନ୍ନାଥଙ୍କ ମନ୍ଦିରରେ ଆଡ଼ମ୍ବର ସହିତ ପୁଷ୍ୟାଭିଷେକ ଉତ୍ସବ ପାଳନ କରାଯାଏ । ଶୀତରତୁକୁ ବିଦାୟ ଦେବା ସଙ୍ଗେ ସଙ୍ଗେ ବସନ୍ତକୁ ସ୍ୱାଗତ କରିବାକୁ ଯାଇ ଗ୍ରାମେ ଗ୍ରାମେ ମାଘ ପୂର୍ଣ୍ଣମୀ ଦିନ ପାଳିତ ହୁଏ ଅଗ୍ନିଉତ୍ସବ । ପଲ୍ଲୀ ବାଳକମାନେ ଅପୂର୍ବ ଆନନ୍ଦ , ଆବେଗ ଓ କୌତୁକତା ପୃରେ ହଜିଯାଇ ସୁର ଧରନ୍ତି “ଅଗି ଜଳିଲା, ଶୀତ ଟଳିଲା...... ।”

ଫାଲଗୁନ ମାସର ଦୋଳଯାତ୍ରା ଏବଂ ହୋଲି ଖେଳ ହେଉଛି ଏକ ସର୍ବଭାରତୀୟ ପର୍ବ ।  ଉତ୍ତର ଭାରତରେ ଏହା ଅଧିକ ଉତ୍ସାହ ଏବଂ ଆଡ଼ମ୍ବର ସହକାରେ ପାଳିତ ହୋଇଥାଏ । ଓଡ଼ିଶାରେ ଷୋଡ଼ଶ ଶତାବ୍ଦୀରେ ଶ୍ରୀ ଚୈତନ୍ୟଙ୍କ ଆଗମନ ଫଳରେ ବୈଷ୍ଣବ ଧର୍ମର ପ୍ରଚାର ଓ ପ୍ରସାର ଘଟିଥିଲା । ୧୫ ୧୦ ମସିହାର ଦୋଳପୂର୍ଣ୍ଣିମୀ ଦିନ ସେ ଆସି ପୁରୀରେ ପଦାର୍ପଣ କରିଥିଲେ । ତାଙ୍କର ଉତ୍କଳ ଆଗମନର ସ୍ମାରକୀ ସ୍ୱରୂପ ଦୋଳପୂର୍ଣ୍ଣମୀ ଦିନ ପୁରପଲ୍ଲୀରେ ମେଳନ ଯାତ ଅନୁଷ୍ଠିତ ହୋଇଥାଏ । ଶ୍ରୀକୃଷ୍ଣଙ୍କର ଦାୟାଦ ଭାବରେ ଏହି ଉତ୍ସବରେ ଗୋପାଳମାନେ ଶିଙ୍ଗା ବଜାଇ ନଉଡ଼ି ଖେଳି ପରିବେଶକୁ ଅଧିକ ଉପଭୋଗ୍ୟ କରିଥାଆନ୍ତି । ଏଗୁଡ଼ିକ ସହିତ ବର୍ଷ ମଧ୍ୟରେ

orissatimes.net

ଓଡ଼ିଶାରେ ଛୋଟ ବଡ଼ ଅନେକଗୁଡ଼ିଏ ପର୍ବପର୍ବାଣି , ଓଷାବ୍ରତ ପାଳନ କରାଯାଏ । ଦ୍ୱିତୀୟା ଓଷା, ଜହ୍ନି ଓଷା, ଚିତାଲାଗି ଅମାବାସ୍ୟା, ଗହ୍ମା ପୂର୍ଣ୍ଣମୀ ବା ରାକ୍ଷୀ ପୂର୍ଣ୍ଣିମା , ଜନ୍ମାଷ୍ଟମୀ, ବାଲିତୃତୀୟା, ଶିବ ଚତୁର୍ଥୀ, ସୋମନାଥ ବ୍ରତ, ଇନ୍ଦ୍ର ପୂର୍ଣ୍ଣିମା ସର୍ବୋପରି କୁମାରୀ କନ".ମାନଙ୍କର ଖୁଦୁରୁକୁଣୀ ଓଷା ଏହି ପର୍ବଗୁଡ଼ିକ ମଧ୍ୟରେ ଉଲ୍ଲେଖଯୋଗ୍ୟ । ବର୍ଷାଋତୁ ଭଳି ଶୀତଋତୁ ମଧ୍ୟ ଉତ୍କଳର ସାମାଜିକ ଜୀବନରେ ଉତ୍ସବ ମୁଖର ଅଟେ । ଅଁଳା ନବମୀ, ପ୍ରଥମାଷ୍ଟମୀ, ନବାନ୍ନ ଭକ୍ଷଣ, ସୁନିଆଁ, ଶାମ୍ବ ଦଶମୀ, ପଣ୍ଡୁ ଓଷା, ବାଟ ଓଷା ଇତ୍ୟାଦି ପର୍ବଗୁଡ଼ିକ ଜନଜୀବନକୁ ସଜୀବ ଓ ସରସ କରିଥାଏ ।

ପଶ୍ଚିମ ଓଡ଼ିଶାରେ ନୂଆଖାଇ, ଶୀତଳଷଷ୍ଠୀ ଓ ବରଗଡ଼ ସହରରେ ପାଳିତ ହେଉଥିବା ସପ୍ତାହ ବ୍ୟାପୀ ମୁକ୍ତାକାଶ ଧନୁଯାତ୍ରା ବେଶ୍ ଆଗ୍ରହ ଓ ଉତ୍ସାହ ସୃଷ୍ଟି କରିଥାଏ । ନୂଆଖାଇ ପର୍ବଟି ସମ୍ପୂର୍ଣ୍ଣ କୃଷିଭିତ୍ତିକ ହୋଇଥିବା ସ୍ଥଳେ ଶୀତଳଷଷ୍ଠୀ ପର୍ବଟି ଶିବପାର୍ବତୀଙ୍କ ବିବାହ ପ୍ରସଙ୍ଗ ଏବଂ ଧନୁଯାତ୍ରା ପୁରାଣର କଂସ ଚରିତ୍ରକୁ ନେଇ ଗଢ଼ି ଉଠିଛି ।

**ପର୍ବପର୍ବାଣିର ସାମାଜିକ ଉପଯୋଗିତା :** ଆନନ୍ଦ ଓ ଉତ୍ସବପ୍ରିୟ ରସପିପାସୁ ମାନବ ପ୍ରାଣର ପରିତୋଷ ନିମନ୍ତେ କେଉଁ ଅତୀତ କାଳରୁ ସୃଷ୍ଟି ହୋଇଛି ପର୍ବପର୍ବାଣି , ମେଳା ଓ ମହୋତ୍ସବ ଇତ୍ୟାଦି । କର୍ମକ୍ଳାନ୍ତ , ଅବସାଦଗ୍ରସ୍ତ ଜୀବନରେ ଏଗୁଡ଼ିକ ଆଣିଦିଏ ଅପୂର୍ବ ଶାନ୍ତି ଓ ପ୍ରତିଷ୍ଠା କରେ ପାରସ୍ପରିକ ସୌହାର୍ଘ୍ୟ । ଗୋଷ୍ଠୀଜୀବନ ମଧୁମୟ ଓ ଉପଭୋଗ୍ୟ ହୋଇଛି ପର୍ବପର୍ବାଣିକୁ ନେଇ । ଧର୍ମଭିତ୍ତିକ ପର୍ବଗୁଡ଼ିକ ବ୍ୟକ୍ତିର ଆଧ୍ୟାତ୍ମିକ ଚେତନାକୁ ଜାଗ୍ରତ କରୁଥିବା ବେଳେ କର୍ମ ବା ବୃତ୍ତିଭିତ୍ତିକ ପର୍ବଗୁଡ଼ିକ ତା 'ର

orissatimes.net

ଜୀବନ ଓ ଜୀବିକା ପ୍ରତି ଶ୍ରଦ୍ଧା, ଭକ୍ତି ଓ ଅନୁରାଗ ସୃଷ୍ଟି କରିବାରେ ସାହାଯ୍ୟ କରିଥାଏ । ଋତୁଭିତ୍ତିକ ପର୍ବଗୁଡ଼ିକରେ ସତେଯେମିତି ରଙ୍ଗମୟ ପ୍ରକୃତି ପ୍ରତ୍ୟେକ ବ୍ୟକ୍ତିର ଦେହ ଓ ମନକୁ ଓହ୍ଲାଇ ଆସି ତା 'ର ପ୍ରାଣକୁ ରଙ୍ଗମୟ କରିଦିଏ । କ୍ଷଣକ ପାଇଁ ହେଲେ ସୁଦ୍ଧା କର୍ମକ୍ଲାନ୍ତ ଜୀବନର ଅବସାଦକୁ ସେମାନେ ଭୁଲିଯାଇ ନୂତନ ଉତ୍ସାହ , ନୂତନ ପ୍ରେରଣା ନେଇ କର୍ମକ୍ଷେତ୍ରରେ ପୁଣି ଆଗେଇ ଯାଆନ୍ତି ।

ଶେଷ କଥା : ସାମାଜିକ ଜୀବନଧାରା ହେଉଛି ଏକ ପ୍ରବହମାନ ସ୍ରୋତ । ଆଜି ଜ୍ଞାନ ବିଜ୍ଞାନର ବିକାଶ ଓ ଆଧୁନିକ ଶିକ୍ଷାର ପ୍ରସାର ଫଳରେ ସମାଜର ସ୍ୱରୂପରେ ବିରାଟ ପରିବର୍ତ୍ତନ ଘଟିଛି । ତେଣୁ ଆମର ଯୁଗ ଯୁଗର ପରମ୍ପରା ଓ ସଂସ୍କୃତି ହୋଇଛି କ୍ଷଣଶୀଳ । ସଂସ୍କୃତି ନାମରେ ଅପସଂସ୍କୃତି ଆମକୁ କବଳିତ କରିଛି । ସେଇଥିପାଇଁ ପର୍ବପର୍ବାଣିର ପବିତ୍ରତା ଓ ଓଷାବ୍ରତର ଶୁଦ୍ଧତା ରକ୍ଷା କରାଯାଇ ପାରୁନାହିଁ । ଭୋଜିଭାତ ସହିତ ଶସ୍ତା ନାଚଗୀତ , ମଦ୍ୟ ମାଂସ ଇତ୍ୟାଦିର ପ୍ରାବଲ୍ୟ ଭୋଗବାଦୀ ମାନବର ତାମସିକ ପ୍ରବୃତ୍ତିକୁ ଗ୍ରାସ କରି ନେଇଛି । ସଂକୀର୍ଣ୍ଣ ରାଜନୀତିକ ବିଚାରବଶତଃ ଦୋଳ, ଦଶହରା, ଶ୍ରୀରାମନବମୀ, ସରସ୍ୱତୀ ପୂଜା, ଗଣେଶ । ପୂଜା ଇତ୍ୟାଦିକୁ ସାଂପ୍ରଦାୟିକ ରୂପ ପ୍ରଦାନ କରାଯାଉଛି ଏବଂ ସେଥିପାଇଁ ଆମର ସାମାଜିକ ସଦ୍ଭାବ ନଷ୍ଟ ହେଉଛି ; ଆଇନ ଶୃଙ୍ଖଳା ବ୍ୟାହତ ହେଉଛି । ମେଢ଼ , ମଣ୍ଡପ, ଜନସମାବେଶ ବା ଶୋଭାଯାତ୍ରାର ସୁରକ୍ଷା ନିମନ୍ତେ ଶସ୍ତ୍ରଧାରୀ ପୋଲିସଙ୍କର ସାହାଯ୍ୟ ଆବଶ୍ୟକ ହେଉଛି । ଆନନ୍ଦମୁଖର ଉତ୍ସବର ଆୟୋଜନ ପରିଶେଷରେ ଗଭୀର ନିରାନନ୍ଦରେ ପରିଣତ ହେଉଛି । ସୁତରାଂ ପରମ୍ପରା ଓ ସଂସ୍କୃତିକୁ ଅକ୍ଷୁର୍ଣ୍ଣ ରଖୁ ମନରେ

orissatimes.net

ଉଦାର ମାନବୀୟ ଭାବକୁ ଜାଗ୍ରତ ନକଲେ ସାମାଜିକ ଉତ୍ସବଗୁଡ଼ିକର ଉଦ୍ଦେଶ୍ୟ ନିଷ୍ଫଳ ହୋଇଯିବ ।

Related Content Read Also

- Adarsha Chatra Essay in Odia
- Rath Yatra Essay in Odia
- Nari Shiksha Essay in Odia
- Raja Parba Essay in Odia
- Bana Mahotsav Essay in Odia
- Read All: Odia Essay

orissatimes.net